# NATIONAL NEWS BULLETIN (ODIA)

## 22 January - 2026

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗରେ ଏସ୍ଆଇଆର୍ ପ୍ରକ୍ରିୟା ସଂପର୍କିତ ସୁପ୍ରିମକୋର୍ଟଙ୍କର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ଲାଗି ନିର୍ଦ୍ଦେଶନାମା ଜାରି କଲେ ନିର୍ବାଚନ ଆୟୋଗ
- ସମାବେଶୀ ଶିକ୍ଷା ଏକ ରାଷ୍ଟ୍ରୀୟ ସଂକଳ୍ପ, କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ
- ଦେଶରେ ଏକ ସଶକ୍ତ ତଥା ଗ୍ରାହକ କୈନ୍ଦ୍ରିକ ବିଦ୍ୟୁତ୍ ବଣ୍ଟନ ଉପଯୋଗିତାର ଆବଶ୍ୟକତା ଉପରେ କେନ୍ଦ୍ର ଶକ୍ତିମନ୍ତ୍ରୀଙ୍କର ଗୁରୁତ୍ୱାରୋପ
- ଗଣତନ୍ତ୍ର ଦିବସ ପରେଡ୍‌ରେ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ପ୍ରଦର୍ଶନ କରାଯିବ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ବିଷୟବସ୍ତୁ ଆଧାରିତ ପ୍ରଜ୍ଞାପନ ମେଢ ।

ଏବଂ

- ନାଗପୁରଠାରେ ପ୍ରଥମ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ନିଉଜିଲ୍ୟାଣ୍ଡକୁ ୪୮ ରନ୍‌ରେ ପରାସ୍ତ କଲା ଭାରତ

## ଇସି-ଓ୍ୱେଷ୍ଟବେଙ୍ଗଲ

ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା - ଏସ୍ଆଇଆର୍ ସଂପର୍କିତ ସୁପ୍ରିମକୋର୍ଟଙ୍କର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ଲାଗି ନିର୍ବାଚନ ଆୟୋଗ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହି ଭୋଟର ତାଲିକାକୁ ସର୍ବସାଧାରଣରେ ପ୍ରଦର୍ଶନ କରାଯିବା ସହିତ ତାଲିକାରୁ ବାଦ୍ ପଡ଼ିଥିବା ଭୋଟରମାନଙ୍କୁ ଆବଶ୍ୟକ ପ୍ରମାଣପତ୍ର ଦାଖଲ କରିବା ଲାଗି ସୁଯୋଗ ଦେବାକୁ ବାଧ୍ୟତାମୂଳକ କରାଯାଇଛି। ଏହି ପ୍ରକ୍ରିୟାକୁ ଯେଭଳି ସୁରୁଖୁରୁରେ କରାଯାଇ ପାରିବ, ସେଥିଲାଗି ନିର୍ବାଚନ ଆୟୋଗ' ରାଜ୍ୟ ସରକାର ଓ ପୋଲିସ୍‌କୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ କୌଣସି ବ୍ୟକ୍ତି ଯଦି ଆଇନକୁ ହାତରେ ନେବା ଲାଗି ଚେଷ୍ଟା କରନ୍ତି, ତେବେ ସେଭଳି କ୍ଷେତ୍ରରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର କହିଛନ୍ତି।

## ଧର୍ମେନ୍ଦ୍ର-ଏଜୁକେଶନ ସମିଟ୍

ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଲାଗି ସମାନ ସୁଯୋଗ ଓ ମର୍ଯ୍ୟାଦା ସୁନିଶ୍ଚିତ କରିବା ଏକ ସମ୍ମିଳିତ ଦାୟିତ୍ୱ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀଠାରେ ଆୟୋଜିତ ସମାବେଶୀ ଶିକ୍ଷା ସମ୍ମିଳନୀକୁ ଗତକାଲି ଉଦ୍‌ଘାଟନ କରିବା ଅବସରରେ ସେ ଏହା କହିଛନ୍ତି । ସେ କହିଛନ୍ତି, ସମାବେଶୀ ଶିକ୍ଷା କେବଳ ବିଦ୍ୟାଳୟ

ବା ପରିବାରର ଦାୟିତ୍ୱ ନୁହେଁ, ବରଂ ଏହା ସମଗ୍ର ସମାଜ ଓ ସମସ୍ତ ସରକାରୀ ବିଭାଗର ମିଳିତ ଦାୟିତ୍ୱ । ସମାନ ସୁଯୋଗ, ସମ୍ମାନ ଓ ସହଭାଗିତା ହିଁ ବିକଶିତ ଭାରତ ଗଠନର ମାର୍ଗ ପ୍ରଶସ୍ତ କରିବ ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ସମାବେଶୀ ଶିକ୍ଷା କେବଳ ଏକ ସରକାରୀ ଯୋଜନା ନୁହେଁ, ବରଂ ଏହା ଏକ ରାଷ୍ଟ୍ରୀୟ ସଂକଳ୍ପ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସବ୍‌କା-ସାଥ୍, ସବ୍ କା ବିକାଶ ଓ ସବ୍ କା ବିଶ୍ୱାସ ମନ୍ତ୍ରକୁ ଆଧାର କରି ଏକ ବିକଶିତ ଭାରତ ଗଠନ ଲାଗି ସମାନ ଓ ସମ୍ବେଦନଶୀଳ ଶିକ୍ଷା ଅପରିହାର୍ଯ୍ୟ ।

ଜାତୀୟ ଶିକ୍ଷାନୀତି ଅନ୍ତର୍ଗତ ପ୍ରଶସ୍ତ ଆପ୍ ମାଧ୍ୟମରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରାଯିବ । ବିଶେଷକରି କୃତ୍ରିମ ବୁଦ୍ଧିମତ୍ତା ଓ ଆବଶ୍ୟକ ଜ୍ଞାନକୌଶଳ ବ୍ୟବହାର କରି ପିଲାଙ୍କ ମଧ୍ୟରେ ଥିବା ଶିକ୍ଷଣ ସମସ୍ୟାର ସମାଧାନ କରିବା ଉପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଏହି ୩ ଦିନିଆ ସମ୍ମିଳନୀରେ ଶିକ୍ଷାବିତ୍, ବିଶେଷଜ୍ଞ ଓ ନୀତି ନିର୍ଦ୍ଧାରକମାନେ ଯୋଗ ଦେଇଛନ୍ତି ।

## ମନୋହରଲାଲ-ଏନର୍ଜି

ଦେଶରେ ଆର୍ଥିକ ଦୃଷ୍ଟିରୁ ଏକ ସଶକ୍ତ ତଥା ଗ୍ରାହକ କୈନ୍ଦ୍ରିକ ବିଦ୍ୟୁତ୍ ବଣ୍ଟନ ଉପଯୋଗିତାର ଆବଶ୍ୟକତା ଉପରେ ଶକ୍ତିମନ୍ତ୍ରୀ ମନୋହରଲାଲ

ଗୁରୁତ୍ୱାରୋପ କରିଛନ୍ତି । ଗତକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ଅଖିଳ ଭାରତୀୟ ବିଦ୍ୟୁତ୍ ବଣ୍ଟନ ଶିଳ୍ପ ୨୦୨୬ ପ୍ରଥମ ବାର୍ଷିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି ।ଦେଶରେ ଏକ ସ୍ଥିର ତଥା ଭବିଷ୍ୟତ ଉପଯୋଗୀ ବିଦ୍ୟୁତ୍ ବଣ୍ଟନ କ୍ଷେତ୍ର ଗଠନ ଦିଗରେ ସରକାରଙ୍କ ପ୍ରତିବଦ୍ଧତାକୁ କେନ୍ଦ୍ରମନ୍ତ୍ରୀ ଏହି ଅବସରରେ ଦୋହରାଇଛନ୍ତି ।

ସେ କହିଛନ୍ତି, ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଏହି କ୍ଷେତ୍ରରେ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିବା ଫଳରେ ଦୁଇ ଦଶନ୍ଧି ପୂର୍ବେ ବିଦ୍ୟୁତ୍ ଯୋଗାଣ ଏକ ସାମାଜିକ ଦାୟିତ୍ୱ ଥିବା ବେଳେ ବର୍ତ୍ତମାନ ଏହା ଏକ ପ୍ରମୁଖ ଅର୍ଥନୀତିକ ବାହକ ପାଲଟିଛି । ଏହି କ୍ଷେତ୍ରରେ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକର ଭୂମିକା ଉପରେ ଆଲୋକପାତ କରି ଶ୍ରୀ ଲାଲ୍ ଏହାକୁ ଦେଶର ବିଦ୍ୟୁତ୍ କ୍ଷେତ୍ରର ମେରୁଦଣ୍ଡ ବୋଲି ଅଭିହିତ କରିଛନ୍ତି ।

## କଲ୍‌ଚର ମିନିଷ୍ଟ୍ରି-ରିପବ୍ଲିକ୍ ଡେ

ଚଳିତବର୍ଷ ଗଣତନ୍ତ୍ର ଦିବସ ପରେଡ୍‌ରେ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ବିଷୟବସ୍ତୁ ଆଧାରିତ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯିବ । ଏହି ପ୍ରଜ୍ଞାପନ ମେଢ଼ଟିରେ ରାଷ୍ଟ୍ରୀୟ ଗୀତକୁ ଭାରତର ସଭ୍ୟତାଗତ ସ୍ମୃତି, ସାମୂହିକ ଚେତନା ଏବଂ ସଂସ୍କୃତି ନିରନ୍ତରତାର ଜୀବନ୍ତ ପ୍ରତିଛବି ଭାବେ ପ୍ରତିଫଳିତ କରାଯିବ । ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଏହି ମେଢ଼କୁ ବହନ କରୁଥିବା ଚଳନ୍ତା ଟ୍ରାକ୍ଟରରେ ବନ୍ଦେ ମାତରମ୍‌ର ମୂଳ ପାଣ୍ଡୁଲିପି

ବହନ କରାଯାଇଛି । ଏଥିରେ ଭାରତର ଲୋକ କଳାକାରମାନଙ୍କର କଳାପ୍ରଦର୍ଶନ ଦେଶର ସାଂସ୍କୃତିକ ବିବିଧତାକୁ ମୂର୍ତ୍ତିମନ୍ତ କରିବ । ଏହା ମାଧ୍ୟମରେ ରାଷ୍ଟ୍ରୀୟ ଗୀତକୁ ଭାରତର ଏକତା, ସାଂସ୍କୃତିକ ଗଭୀରତା ଓ ଭାବନାର ପ୍ରତୀକ ଭାବେ ପ୍ରଦର୍ଶନ କରିବା ଦିଗରେ ମନ୍ତ୍ରଣାଳୟ ପକ୍ଷରୁ ପ୍ରଚେଷ୍ଟା କରାଯାଇଛି ।

## ଶାହା-କଲ୍ୟାଣ ପତ୍ରିକା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କର ଜାତୀୟ ନୀତିରେ ଭାରତୀୟ ସଂସ୍କୃତିର ପୁନଃପ୍ରତିଷ୍ଠା ଦିଗରେ ପ୍ରଚେଷ୍ଟା ଜାରି ରହିଛି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି । ଗତକାଲି ଉତ୍ତରାଖଣ୍ଡର ହୃଷୀକେଶଠାରେ ଗୀତାପ୍ରେସ୍‌ର ମାସିକ ପତ୍ରିକା 'କଲ୍ୟାଣ'ର ଶତବାର୍ଷିକୀ ସଂସ୍କରଣ ଉନ୍ମୋଚନ ସମାରୋହକୁ ସମ୍ବୋଧିତ କରି ସେ ଏହା କହିଛନ୍ତି । ଶ୍ରୀ ଶାହା କହିଛନ୍ତି, ଗତ ୧୧ ବର୍ଷ ଭିତରେ ଦେଶର ଯୁବପିଢିଙ୍କ ଗଭୀର ଗୁଣାତ୍ମକ ପରିବର୍ତ୍ତନ ଦେଖାଦେଇଛି । କେଦାରନାଥ ମନ୍ଦିରର ପୁନରୁଦ୍ଧାର ଓ ବଦ୍ରିନାଥ ଧାମର ସଂପ୍ରସାରଣ କରାଯିବା ସହିତ ଦେଶବ୍ୟାପୀ ୩୫ରୁ ଅଧିକ ତୀର୍ଥସ୍ଥଳୀର ପୁନର୍ବିକାଶ କାର୍ଯ୍ୟ ଜାରି ରହିଛି । ସେହିଭଳି ୫୫୦ ବର୍ଷ ପରେ ଅଯୋଧ୍ୟାରେ ଭଗବାନ ଶ୍ରୀରାମଙ୍କ ମନ୍ଦିର ନିର୍ମାଣ, କାଶୀ ବିଶ୍ୱନାଥ ଓ ମହାକାଳେଶ୍ୱର କରିଡର ସ୍ଥାପନ ଏବଂ ସୋମନାଥ ସ୍ୱାଭିମାନ ବର୍ଷ ପାଳନ ଭାରତୀୟ ଆତ୍ମବଳର ପ୍ରତୀକ ବୋଲି ଶ୍ରୀ ଶାହା କହିଛନ୍ତି ।

ଦେଶ ତଥା ଦେଶବାସୀଙ୍କ ମଧ୍ୟରେ ଆଧ୍ୟାତ୍ମିକ ଶକ୍ତିକୁ ଜାଗ୍ରତ କରି ରଖିବା ଦିଗରେ 'କଲ୍ୟାଣ' ଭଳି ପତ୍ରିକା ଏକଶତବର୍ଷ ପୂରଣ କରିବା ଏକ ବଡ଼ ଉପଲବ୍ଧି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି । **V/O**

# ପ୍ରଗତି–ସ୍ପେଶାଲ ଷ୍ଟୋରୀ

ଦେଶରେ ସ୍ୱଚ୍ଛ ପ୍ରଶାସନ ଏବଂ ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ପଦକ୍ଷେପ 'ପ୍ରଗତୀ' ଏହାର ୫୦ତମ ବୈଠକ ସଫଳ ପରିଚାଳନା ସହିତ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି । ୨୦୧୫ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀ ସ୍ତରୀୟ ସମୀକ୍ଷା ମାଧ୍ୟମରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଏବଂ ଜନସାଧାରଣଙ୍କ ଅଭିଯୋଗର ସମୟୋପଯୋଗୀ ସମାଧାନକୁ ଏହା ସଫଳ କରିପାରିଛି । କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟ ଗୁଡ଼ିକୁ ଏକ ଡିଜିଟାଲ୍ ଇଣ୍ଟରଫେସ୍ ମାଧ୍ୟମରେ ସମନ୍ୱୟ କରାଯାଇ ସମବାୟ ସଂଘୀୟତାର ଉଦାହରଣ ସୃଷ୍ଟି ହୋଇଛି । ପ୍ରଗତୀର ବିଶେଷ ସିରିଜ୍‌ରେ ଆଜି ଆସନ୍ତୁ ଜାଣିବା ହାଇଦ୍ରାବାଦ ମେଟ୍ରୋ ରେଳ ପ୍ରକଳ୍ପ ସମ୍ପର୍କରେ ।

ଗତ ଦୁଇଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ତେଲଙ୍ଗାନାର ରାଜଧାନୀ ହାଇଦ୍ରାବାଦରେ ବିଭିନ୍ନ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଘଟିଛି । ହାଇଦ୍ରାବାଦ ମେଟ୍ରୋ ରେଳପ୍ରକଳ୍ପକୁ ସହରର ଯାତାୟାତର ମେରୁଦଣ୍ଡ ଭାବେ ପରିଗଣିତ କରାଯାଏ । ପ୍ରାୟ ୬୯ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ

ହାଇଦ୍ରାବାଦ ମେଟ୍ରୋର ପ୍ରଥମ ପର୍ଯ୍ୟାୟ ପ୍ରକଳ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୨୦୧୫ ଡିସେମ୍ବର ୩୦ ତାରିଖରେ ସମୀକ୍ଷା କରାଯାଇଥିଲା ।

ଏହି କ୍ଷେତ୍ରରେ ଉଭା ହୋଇଥିବା ବିଭିନ୍ନ ସମସ୍ୟାର ସମାଧାନ କରିବା ସହିତ ନିର୍ଦ୍ଧାରିତ ସମୟରେ  ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ଲାଗି ପ୍ରଧାନମନ୍ତ୍ରୀ ସଂପୃକ୍ତ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଥିଲେ । ଆନ୍ତଃମନ୍ତ୍ରଣାଳୟ ତଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ସହିତ କାର୍ଯ୍ୟ କରାଯାଇ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଇଛି । ଫଳରେ ସହରରେ ଟ୍ରାଫିକ୍ ସମସ୍ୟାର ସମାଧାନ କରାଯିବା ସହିତ ଗମନାଗମନକୁ ସୁଗମ କରାଯାଇଛି ।

# କ୍ରିକେଟ୍

ନାଗପୁରଠାରେ ଗତ ସନ୍ଧ୍ୟାରେ ଅନୁଷ୍ଠିତ ପ୍ରଥମ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଭାରତ ନିଉଜିଲ୍ୟାଣ୍ଡକୁ ୪୮ ରନ୍‌ରେ ପରାସ୍ତ କରିଛି । ଏଥିସହିତ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ୧-୦ରେ ଅଗ୍ରଣୀ ରହିଛି । ସ୍ଥାନୀୟ ବିଦର୍ଭ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ନ୍ୟୁଜିଲ୍ୟାଣ୍ଡ ଟସ୍ ଜିତି ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭର୍‌ରେ ୭ ୱିକେଟ୍ ହରାଇ ୨୩୮ ରନ୍ କରିଥିଲା । ଦଳ ପକ୍ଷରୁ

ଓପନର ଅଭିଷେକ ଶର୍ମା ସର୍ବାଧିକ ୮୪ ରନ୍ କରିବା ସହିତ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ନ୍ୟୁଜିଲ୍ୟାଣ୍ଡ ପକ୍ଷରୁ ଜ୍ୟାକବ୍ ଡଫି ଓ କିଲେ ଜାମିସନ୍ ୨ଟି ଲେଖାଏଁ ଏବଂ କ୍ରୀଷ୍ଟିଆନ୍ କ୍ଲାର୍କ, ଇସ୍ ଶୋଧି ଓ ମିଚେଲ୍ ସାଣ୍ଟନର ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଛନ୍ତି ।

୨୩୯ ରନ୍‌ର ବିଜୟଲକ୍ଷ୍ୟର ପିଛା କରି ନ୍ୟୁଜିଲ୍ୟାଣ୍ଡ ନିର୍ଦ୍ଧାରିତ ୨୦ ଓଭର୍‌ରେ ୭ ୱିକେଟ୍ ହରାଇ ୧୯୦ ରନ୍ କରିବାକୁ ସମର୍ଥ ହୋଇଥିଲା । ଦଳ ପକ୍ଷରୁ ଗ୍ଲେନ୍ ଫିଲିପ୍ସ ୪୦ଟି ବଲ୍‌ରୁ ସର୍ବାଧିକ ୭୮ ରନ୍ ସଂଗ୍ରହ କରିଥିଲେ । ଭାରତ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ଓ ଶିବମ୍  ଦୁବେ ୨ଟି ଲେଖାଏଁ ୱିକେଟ୍ ନେଇଥିବା ବେଳେ ଅର୍ଶଦୀପ ସିଂ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଛନ୍ତି । ଏହି ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲି ରାୟପୁରସ୍ଥିତ ଶହୀଦ ବୀରନାରାୟଣ ସିଂ ଆନ୍ତର୍ଜାତିକ ଷ୍ଟାଡିୟମରେ ସନ୍ଧ୍ୟା ୭ଟାରେ ଖେଳାଯିବ ।

## ଡବ୍ଲୁପିଏଲ୍

ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍‌ର ଆଜିକାର ମ୍ୟାଚ୍‌ରେ ୟୁପି ୱାରିଅର୍ଜ ଓ ଗୁଜରାଟ ଜ୍ୟାଣ୍ଟ୍ସ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ଭଦୋଦରାସ୍ଥିତ ବିସିଏ ଷ୍ଟାଡିୟମ୍ କୋଟାମ୍ବିଠାରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ ।

# ବ୍ୟାଡମିଣ୍ଟନ

ଇଣ୍ଡୋନେସିଆ ମାଷ୍ଟର୍ସ ୨୦୨୬ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତୀୟ ଖେଳାଳିମାନେ ଆଜି ନିଜର ଅଭିଯାନ ଆରମ୍ଭ କରୁଛନ୍ତି । ପୁରୁଷ ସିଙ୍ଗିଲ୍ସ ବର୍ଗରେ ଲକ୍ଷ୍ୟସେନ ହଙ୍ଗ୍‌କଙ୍ଗ୍‌ର ଜାସନ୍ ଗୁନାୱାନଙ୍କୁ ଭେଟିବାକୁ ଥିବାବେଳେ’ ଚାଇନିସ୍ ତାଇପେଇର  ୟେନ୍ ଚେନ୍‌ଙ୍କ ସହିତ ଭାରତର କିଦାମ୍ବୀ ଶ୍ରୀକାନ୍ତଙ୍କର ମୁକାବିଲା ହେବ । ସେହିଭଳି ମହିଳା ସିଙ୍ଗଲ୍ସ ବର୍ଗରେ ଦୁଇଥରର ଅଲମ୍ପିକ୍ ପଦକ ବିଜେତା ପି.ବି. ସିନ୍ଧୁ ଓ ଡେନ୍‌ମାର୍କର ଲିନେ ଜାସ୍‌ଫେଲ୍‌ଟଙ୍କ ମଧ୍ୟରେ ମୁକାବିଲା ହେବ । ପୁରୁଷ ଡବଲ୍ସ ବର୍ଗରେ ଭାରତର  ଅର୍ଜୁନ ମାଦାଥିଲ ରାମଚନ୍ଦ୍ରନ୍ ଓ ହରିହରନ୍ ଆମ୍-ସାକରୁନନ୍ ଯୋଡ଼ି ମାଲେସିଆର ତି କାଇଉଲ୍ ଓ ମାନ୍ ୱିଚୋଙ୍ଗ ଯୋଡ଼ିକୁ ଭେଟିବେ ।